بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୨୦ ଡ଼ିସେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

**୬ ହିଜ୍‌ରୀରେ ସଙ୍ଘଟିତ ହୋଇଥିବା କେତେକ ଯୁଦ୍ଧ ଓ ସରିୟ୍ୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାର ବର୍ଣ୍ଣନା । ଅଧିକନ୍ତୁ ବିଶ୍ୱର ବିଗିଡ଼ି ଚାଲିଥିବା ରାଜନୈତିକ ଅବସ୍ଥା ଓ ଘନଘନ ଆକାଶିୟ ବିପତ୍ତିର (ବିଭୀଷିକାରୁ ରକ୍ଷା ପାଇବା) ନିମନ୍ତେ ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର ଅ.ବ କହିଲେ; ଯୁଦ୍ଧ ଓ ସରିୟ୍ୟାମାନଙ୍କରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର ବିଶେଷ ଭୂମିକାର ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷୀରେ ଗୋଟିଏ ସରିୟ୍ୟା (ଯେଉଁ ଯୁଦ୍ଧରେ ପୁଣ୍ୟଶ୍ଳୋକ ଅଂଶଗ୍ରହଣ କରି ନଥିଲେ) ଉକାଶାଃ ବିନ୍ ମୋହସିନ୍‌ର ମଧ୍ୟ ଘଟଣା ବର୍ଣ୍ଣିତ ହୋଇଛି । ଏହି ସରିୟ୍ୟା ଗମ୍‌ରା ମରଜୁକ୍ (ଅଞ୍ଚଳ) ଆଡ଼କୁ ରବିଉଲ୍ ଅୱ୍ୱଲ୍ ୬ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । "ସିରତ୍ ଖାତମୁନ୍ ନବୀଇନ୍"ରେ ଉଲ୍ଲିଖିତ ରହିଛି ଯେ, ନବୀଶ୍ରେଷ୍ଠ ନିଜର ଜଣେ ପ୍ରବାସକାରୀ ସାଥୀ ହଜରତ ଉକାଶାଃ ବିନ୍ ମୋହସିନ୍ ର.ଅଙ୍କୁ ଚାଳିଶ ଜଣ ମୁସଲମାନମାନଙ୍କର ସେନାଧ୍ୟକ୍ଷ କରି କବିଲା ବନୁ ଅସଦ୍‌ର ମୁକାବିଲା କରିବାକୁ ପ୍ରେରଣ କଲେ । କିନ୍ତୁ ମୁସଲମାନମାନଙ୍କ ଆଗମନର ଖବର ପାଇ ସେମାନେ ନିଜ ଆଖପାଖ ଅଞ୍ଚଳରେ ବିଛୁରିତ ହୋଇଗଲେ ।

ଏହିପରି ଆଉ ଏକ ସରିୟ୍ୟାରେ ହୁଜୁର ସ.ଅ ରବିଉଲ୍ ସାନୀ ୬ ହିଜ୍‌ରୀରେ ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃ ର.ଅଙ୍କୁ ଦଶଜଣ ମୁସଲମାନମାନଙ୍କର ସେନାଧ୍ୟକ୍ଷ କରି ବନୁ ସାଲ୍‌ବାଃ କବିଲା ଅଭିମୁଖେ ପ୍ରେରଣ କରିଥିଲେ । ଯେତେବେଳେ ଉକ୍ତ ଦଳ ସେଠାରେ ପହଞ୍ଚିଲେ ସେତେବେଳେ ବିପକ୍ଷ ଦଳର ୧୦୦ଜଣ ଲୋକ ତାଙ୍କୁ (ଚର୍ତୁପାର୍ଶ୍ୱରୁ) ଘେରିନେଲେ ଏବଂ ବର୍ଚ୍ଛା ଓ ତୀର ଦ୍ୱାରା ଆକ୍ରମଣ କରି ସେ ସମସ୍ତ ମୁସଲମାନମାନଙ୍କୁ ଶହିଦ୍ କରିଦେଲେ । ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃ ର.ଅ ଭୀଷଣ ରୂପେ ଆଘାତ ହୋଇ ଟଳି ପଡ଼ିଲେ । ଅମାନ୍ୟକାରୀମାନେ ତାଙ୍କୁ ଫୁଙ୍ଗୁଳା କରି ସେହିସ୍ଥଳେ ଛାଡ଼ି ଚାଲିଗଲେ । ଜଣେ ମୁସଲମାନ ସେହି ବାଟ ମଧ୍ୟ ଦେଇ ଅତିକ୍ରମ କରୁଥିଲେ, ସେ ସେମାନଙ୍କୁ ଦେଖି ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ ପାଠ କଲେ । ଯେତେବେଳେ ସେ ଦେଖିଲେ କି ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃ ର.ଅଙ୍କ ମଧ୍ୟରେ ଏଯାବତ୍ ପ୍ରାଣ ବାକି ରହିଛି, ସେ ତାଙ୍କୁ ଆହର ଦେଲେ ଏବଂ ତାଙ୍କୁ ବାହାନ ଉପରେ ଆରୋହଣ କରି ମଦିନା ଘେନି ଆଣିଲେ ।

ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃ ର.ଅଙ୍କ ସାଥୀମାନଙ୍କ ଶାହାଦତ୍‌ର ପ୍ରତିଶୋଧ ସେହି ଶତ୍ରୁମାନଙ୍କ ଠାରୁ ନେବାର ଏକ ସରିୟ୍ୟା ସଙ୍ଘଟିତ ହେବାର ବର୍ଣ୍ଣନା ମିଳୁଅଛି । ଉକ୍ତ ସରିୟ୍ୟା ହଜରତ ଅବୁ ଉବେଦାଃ ବିନ୍ ଜରାଃ ନାମରେ ନାମିତ । ଏହାର ବ୍ୟାଖ୍ୟା ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃ ର.ଅ ଓ ତାଙ୍କ ସାଥୀମାନଙ୍କ ଶହିଦ୍ ହେବା ସହିତ ଏହି ସୂଚନା ମଧ୍ୟ ପ୍ରାପ୍ତ ହୋଇଥିଲା ଯେ, କବିଲା ବନୁ ସାଲବାଃ ମଦିନାର ଆଖପାଖ ଅଞ୍ଚଳରେ ଆକ୍ରମଣ କରିବାର ମନସ୍ଥ କରିଛି । ସୁତରାଂ ହଜରତ ମୁହମ୍ମଦ ସ.ଅ ଅବୁ ଉବେଦାଃ ବିନ୍ ଜରାଃ ର.ଅଙ୍କ ନେତୃତ୍ୱରେ ୪୦ଜଣ ସୁଦକ୍ଷ ସାହାବାଙ୍କୁ ପ୍ରେରଣ କଲେ । ହୁଜୁର ସ.ଅ

ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ରାତାରାତି ଯାତ୍ରା କରି ଉକ୍ତ କବିଲା ନିକଟରେ ପହଞ୍ଚ । ଅତଏବ ଆଦେଶ ପାଳନ କରି ସେହି ସାହାବାମାନେ ପ୍ରଭାତରେ ହିଁ ବିରୋଧୀ କବିଲାକୁ ଘେରି ନେଲେ ଏବଂ ସାମାନ୍ୟ ସଂଘର୍ଷ ପରେ ଶତ୍ରୁମାନେ ସେଠାରୁ ପଳାୟନ କଲେ । ସେଥିଅନ୍ତେ ହଜରତ ଅବୁ ଉବେଦାଃ ମାଲେ ଗନିମତ୍ (ଯୁଦ୍ଧରେ ବିଜୟୀ ଧନରତ୍ନ) ନିଜ ଅଧୀନ କରି ମଦିନା ପ୍ରତ୍ୟାବର୍ତ୍ତନ କଲେ ।

ଏହି ଅଭିଯାନରେ ଯେଉଁ ଦୁଇ ସାହାବାଙ୍କର ଚର୍ଚ୍ଚା ମିଳୁଅଛି ଅର୍ଥାତ ମୁହମ୍ମଦ ବିନ୍ ମୁସେଲ୍ଲମାଃ[ର.ଅ] ଓ ଅବୁ ଉବେଦାଃ ବିନ୍ ଜରାଃ[ର.ଅ] ଉଭୟେ ବରିଷ୍ଠ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ମୁହମ୍ମଦ ବିନ୍ ମୁସେଲ୍ଲମାଃ ନିଜ ବ୍ୟକ୍ତିଗତ ସୁଗୁଣାବଳୀ ଓ ଦକ୍ଷତା ବ୍ୟତୀତ ଅମାନ୍ୟକାରୀଙ୍କ ସରଦାର କାବ୍ ବିନ୍ ଅଶରଫ୍‌କୁ ନିହତ କରିବାର ନାୟକ ଥିଲେ । କାରଣ ସେହି ଉପଦ୍ରବକାରୀ ଆଙ୍କରି ହସ୍ତରେ ନିଜ କୁପରିଣତିରେ ଉପନୀତ ହୋଇଥିଲେ । ଅନସାରୀ ସାହାବା ମୁହମ୍ମଦ ବିନ୍ ମୁସେଲ୍ଲମାଃ ଅଓ୍ୱସ୍ କବିଲା ସହିତ ସମ୍ପର୍କ ରଖୁଥିଲେ ଏବଂ ହଜରତ ଉମର[ର.ଅ]ଙ୍କ ଖିଲାଫତ୍ କାଳରେ ସେ ତାଙ୍କର ବିଶେଷ ବିଶ୍ୱସ୍ତ ମଣା ଯାଉଥିଲେ । ସୁତରାଂ ସାଧାରଣତଃ ହଜରତ ଉମର[ର.ଅ] ତାଙ୍କୁ ଗୁମାସ୍ତାଙ୍କ ଅଭିଯୋଗର ଅନୁସନ୍ଧାନ କରିବାକୁ ପ୍ରେରଣ କରିଥିଲେ । ହଜରତ ଉସମାନ୍ [ର.ଅ]ଙ୍କ ଦେହାନ୍ତ ପରେ ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଅଭ୍ୟନ୍ତରିଣ ଦ୍ୱନ୍ଦ ଓ ବିଶୃଙ୍ଖଳାର ଦ୍ୱାର ଉନ୍ମୁକ୍ତ ହୋଇଗଲା ସେତେବେଳେ ମୁହମ୍ମଦ ବିନ୍ ମୁସେଲ୍ଲମାଃ ନିଜ ଖଣ୍ଡା ଏକ ପଥରରେ ପିଟି ଭାଙ୍ଗି ଦେଇ ନିଜ ହସ୍ତରେ ମାତ୍ର ଏକ ଠେଙ୍ଗା ଧରିନେଲେ । ଆଉ ଯେତେବେଳେ କେହି ଏହାର କାରଣ ପଚାରିଲେ ସେତେବେଳେ ସେ କହିଲେ; ମୁଁ ହୁଜୁର [ସ.ଅ]ଙ୍କ ଠାରୁ ଏହି କଥା ଶୁଣିଛି ଯେ, ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ପାରସ୍ପରିକ ରକ୍ତପାତର ଦ୍ୱାର ଉନ୍ମୁକ୍ତ ହୋଇଯିବ ସେତେବେଳେ ତୁମେ ଏହିପରି ନିଜ ଖଡ଼ଗ୍ ଭାଙ୍ଗି ନିଜ ଘରେ ଆସନ ଜମାଇ ବସି ପଡ଼ିବ । ଯେପରି କୌଣସି କୋଠରୀରେ ତାହାର ଚଟ୍ଟାଣ ପଡ଼ି ରହିଥାଏ । ଏହି ଆଦେଶ ସମ୍ଭବତଃ ମୁହମ୍ମଦ ବିନ୍ ମୁସେଲ୍ଲମାଃଙ୍କର ଅବା ସେହି ବିଶୃଙ୍ଖଳା ପାଇଁ ବିଶେଷ ଥିଲା । ନଚେତ୍ କେତେକ ସମୟରେ ଅଭ୍ୟନ୍ତରୀଣ ଦ୍ୱନ୍ଦ ଓ ବିଶୃଙ୍ଖଳାର ମୁକାବିଲା ମଧ୍ୟ ଏକ ମହାନ ଧର୍ମସେବା ।

ଦ୍ୱିତୀୟ ସାହାବି ଜଣକ ହଜରତ ଅବୁ ଉବେଦାଃ[ର.ଅ] ଥିଲେ । ସେ ଉଚ୍ଚ ପାହ୍ୟାର ସାହାବା ଥିଲେ ଏବଂ କୁରେଶ ବଂଶଜ ଥିଲେ । ତାଙ୍କର ଉଚ୍ଚାସନରେ ଅଧିଷ୍ଠିତ ହେବା ଏହିଥିରୁ ପ୍ରକାଶ୍ୟ ହେଉଅଛି ଯେ, ପୁଣ୍ୟଶ୍ଳୋକ ତାଙ୍କୁ ଅମିନୁଲ୍ ମିଲ୍ଲତ୍ (ସମ୍ପ୍ରଦାୟର ବିଶ୍ୱସ୍ତ) ଉପାଧି ପ୍ରଦାନ କରିଥିଲେ । ହଜରତ ମୁହମ୍ମଦ [ସ.ଅ]ଙ୍କ ଦେହାବସାନ ପରେ  ହଜରତ ଅବୁବକର[ର.ଅ] ଯେଉଁ ଦୁଇଜଣ ସାହାବିଙ୍କୁ ଖିଲାଫତ୍‌ର ଆସନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀ ମଣୁଥିଲେ ସେମାନଙ୍କ ମଧ୍ୟରେ ଯେ ମଧ୍ୟ ଥିଲେ । ହଜରତ ଅବୁ ଉବେଦାଃ[ର.ଅ] ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳରେ ପ୍ଳେଗ୍ ରୋଗରେ ପୀଡ଼ିତ ହୋଇ ଶହିଦ୍ ହୋଇ ଯାଇଥିଲେ ।

ପୁନଶ୍ଚ ଆଉ ଏକ ସରିୟା ଜୈଦ୍ ବିନ୍ ହାର୍‌ସା ୬ ହିଜ୍‌ରୀର ରବିଉଲ୍ ଆଖିର ମାସରେ ବନୁ ସଲିମ୍ କବିଲା ଅଭିମୁଖେ ପ୍ରେରଣ କରାଯାଇଥିଲା । ଏହିପରି ଜୈଦ୍ ବିନ୍ ହାର୍‌ସା [ର.ଅ]ଙ୍କ ନେତୃତ୍ୱରେ ୧୭୦ଜଣ ସାହାବାଙ୍କୁ ଆଉ ଏକ ସରିୟା ନିମନ୍ତେ ୬ ହିଜ୍‌ରୀର ଜମାଦି ଉଲା ମାସରେ ଅଐସ୍ ଅଭିମୁଖେ ପ୍ରେରଣ କରାଯାଇଥିଲା ।

ଏହି ଘଟଣାଚକ୍ରରେ ନବୀଶିରୋମଣୀଙ୍କ ଜାମାତା ଅବୁଲ୍ ଆସ୍ ବିନ୍ ରବିଈ ବନ୍ଦୀ ହେବା ଏବଂ ଇସଲାମ ଧର୍ମ ସ୍ୱୀକାର କରିବାର ବର୍ଣ୍ଣନା ମିଳୁଅଛି । ତାଙ୍କର ବ୍ୟବସାୟୀକ ଧନରାଶୀ ଯେତେବେଳେ ମୁସଲମାନମାନଙ୍କ ଅଧିକାରଭୁକ୍ତ ହେଲା ସେତେବେଳେ ସେ ମଦିନା ଆସିଲେ ଏବଂ ଜୈନବ୍ ବିନତ୍ ମୁହମ୍ମଦ [ସ.ଅ]ଙ୍କର ଶରଣ ଭିକ୍ଷା କଲେ । ଅତଏବ ହଜରତ ଜୈନବ୍ ତାଙ୍କୁ ସୁରକ୍ଷା ପ୍ରଦାନ କଲେ, ଯେତେବେଳେ ହୁଜୁର [ସ.ଅ]ଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ[ସ.ଅ] ଲୋକମାନଙ୍କୁ କହିଲେ; ମୋତେ ମଧ୍ୟ ତାହା ଏବେ ହିଁ ଜ୍ଞାତ ହେଲା, ଏହା ପୂର୍ବରୁ ମୁଁ ଏକଥା ଜାଣି ନଥିଲି । ହୁଜୁର[ସ.ଅ] ହଜରତ ଜୈନବ୍ [ର.ଅ]ଙ୍କ ନିବେଦନ ପୂର୍ବକ ଅବୁଲ୍ ଆସ୍ [ର.ଅ]ଙ୍କୁ ତାଙ୍କର ଧନରାଶି

ଫେରସ୍ତ କରିବା ଦେବାକୁ ସୁପାରିଶ କଲେ । ଯାହା ଫଳରେ କେବଳ ଅବୁଲ୍ ଆସ୍ ନୁହେଁ ବରଂ ଅନ୍ୟ ସମସ୍ତଙ୍କର ଧନରାଶି ମଧ୍ୟ ଫେରସ୍ତ କରିଦିଆ ଯାଇଥିଲା । ସେଥିଅନ୍ତେ ଅବୁଲ୍ ଆସ୍ ମକ୍କା ପ୍ରତ୍ୟାବର୍ତ୍ତନ କରିଗଲେ ଏବଂ ଲୋକମାନଙ୍କୁ ସେମାନଙ୍କ ଧନ ଫେରସ୍ତ କରିଦେଇ ମକ୍କାବାସୀଙ୍କ ସମ୍ମୁଖରେ ନିଜ ମୁସଲମାନ ହେବାର ଘୋଷଣା କଲେ । ତତ୍ପଶ୍ଚାତ ଅବୁଲ୍ ଆସ୍ ମଦିନା ଚାଲି ଆସିଲେ ସେତେବେଳେ ନବୀଶ୍ରେଷ୍ଠ ହଜରତ ଜୈନବ୍ [ର.ଅ]ଙ୍କର କୌଣସି ନୂତନ ନିକାଃ ନପଢ଼ାଇ ତାଙ୍କୁ ଅବୁଲ୍ ଆସ୍ ନିକଟକୁ ଛାଡ଼ି ଦେଲେ । ଅବୁଲ୍ ଆସ୍ [ର.ଅ]ଙ୍କର କାରବାର ମକ୍କାରେ ରହିଥିଲା ତେଣୁ ସେ ମଦିନାରେ ଅଧିକ ସମୟ ଅବସ୍ଥାନ କରିପାରିଲେ ନାହିଁ ଓ ମକ୍କା ଫେରିଗଲେ । ୧୨ହିଜ୍ରୀରେ ଅବୁଲ୍ ଆସ୍ [ର.ଅ]ଙ୍କର ଦେହାନ୍ତ ଘଟିଥିଲା ।

ଗୋଟିଏ ଯୁଦ୍ଧ ବନୁ ଲିହାନ୍ ଜମାଦୀ ଉଲା ୬ ହିଜ୍ରୀରେ ସଙ୍ଘଟିତ ହୋଇଥିଲା । ଏହି ଯୁଦ୍ଧର ପ୍ରାସଙ୍ଗିକତାରେ ହଜରତ ମିର୍ଜା ବଶିର ଅହେମଦ ସାହେବ ରଜଇ ଘଟଣାର ଚର୍ଚ୍ଚା କରିଛନ୍ତି । ଯେତେବେଳେ ଦଶଜଣ ନିର୍ଦ୍ଦୋଷ ମୁସଲମାନମାନଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ଶହିଦ୍ କରିଦିଆ ଯାଇଥିଲା । ଯେହେତୁ ବନୁ ଲିହାନ୍ ଏଯାବତ୍ ଅହରହ ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଚଳାଇଥିଲେ ତେଣୁ ପୁଣ୍ୟଶ୍ଳୋକ ଏହା ଉଚିତ୍ ମଣିଲେ ଯେ, ସେମାନଙ୍କର କାନ ମୋଡ଼ି ତାଙ୍କୁ ଚେତାଇ ଦିଆଯାଉ । ଅତଏବ ହୁଜୁର[ସ.ଅ] ନିଜ ସହିତ ଦୁଇଶହ ସାହାବା ଓ ୨୦ଟି ଘୋଡ଼ା ନେଇ ସେମାନଙ୍କ ଅଞ୍ଚଳକୁ ପ୍ରସ୍ଥାନ କଲେ । ନବୀଶିରୋମଣୀ ସେମାନଙ୍କ ଅବଚେତନା ଅବସ୍ଥାରେ ସେଠାରେ ପହଞ୍ଚିଗଲେ । କିନ୍ତୁ ବନୁ ଲିହାନ୍‌ବାସୀଙ୍କୁ ହୁଜୁର [ସ.ଅ]ଙ୍କ ଆଗମନର ସୂଚନା ପ୍ରାପ୍ତ ହୋଇଗଲା । ବସ୍ତୁତଃ ସେମାନେ ପର୍ବତ ଉପରକୁ ଚଢ଼ିଗଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ହେଲେ ବି ଧରା ପଡ଼ିଲେ ନାହିଁ । ହୁଜୁର[ସ.ଅ] ସେଠାରେ ଦୁଇଦିନ ଅବସ୍ଥାନ କଲେ ଏବଂ ଭିନ୍ନ ଭିନ୍ନ ଦଳକୁ ସେମାନଙ୍କ ଅନ୍ୱେଷଣରେ ଏଣେତେଣେ ପଠାଇ ଦେଲେ କିନ୍ତୁ ସେମାନଙ୍କ ମଧ୍ୟରୁ କେହିହେଲେ ମଧ୍ୟ ଧରା ପଡ଼ିଲେ ନାହିଁ । ସେଥିଅନ୍ତେ ହୁଜୁର[ସ.ଅ] ସେଠାରୁ ବାହାରି ଆସିଲେ ଏବଂ ଯେତେବେଳେ ସେହି ସ୍ଥାନରେ ପହଞ୍ଚିଲେ ଯେଉଁସ୍ଥଳେ ଆପଣ [ସ.ଅ]ଙ୍କ ସାହାବା ଶହିଦ୍ ହୋଇଥିଲେ ସେତେବେଳେ ଆପଣ ଭୀଷଣ ରୂପେ ମର୍ମାହତ ହୋପଡ଼ିଲେ । ଆଉ ସେଠାରେ ହୁଜୁର[ସ.ଅ] ଅତି କୋହପୂର୍ଣ୍ଣତାର ସହିତ ସେହି ଶହିଦ୍‌ମାନଙ୍କ ପାଇଁ ଦୁଆ କଲେ ।

ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି; ଏହି ଯାତ୍ରାରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ହୁଜୁର[ସ.ଅ] ଏକ ଦୁଆ ପ୍ରାର୍ଥନା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ମୁସଲମାନମାନେ ନିଜ ଯାତ୍ରାରୁ ଫେରିବା ସମୟରେ ମଧ୍ୟ ତାହା ପାଠ କରୁଛନ୍ତି । ଉକ୍ତ ଦୁଆର ପଙ୍କ୍ତି ଏହିକି ଯେ, ଆଇବୁନା ତାଇବୁନା ଆବିଦୁନା ସାଜିଦୁନା ଲିରବ୍‌ବିନା ହାମିଦୁନା ଅର୍ଥାତ୍ ଆମ୍ଭେମାନେ ନିଜ ପାଳକକର୍ତ୍ତା ନିକଟକୁ ଫେରି ଆସୁଅଛୁ, ତାଙ୍କ ସମକ୍ଷ ଆନତ ହେଉଅଛୁ, ତାଙ୍କର ଉପାସନା କରୁଅଛୁ, ତାଙ୍କ ସମକ୍ଷ ନତମସ୍ତକ ହେଉଅଛୁ ଏବଂ ନିଜ ପାଳକକର୍ତ୍ତାଙ୍କର ହିଁ ପ୍ରଶଂସା ଗାନ କରୁଅଛୁ । ହୁଜୁର[ସ.ଅ] ନିଜ ପରବର୍ତ୍ତୀ ଯାତ୍ରାମାନଙ୍କରେ ମଧ୍ୟ ସାଧାରଣତଃ ଏହି ଦୁଆ ପାଠ କରୁଥିଲେ । ଏଥିସହିତ କେତେକ ସମୟରେ ନିମ୍ନଲିଖିତ ଶବ୍ଦ ମଧ୍ୟ ଆବୃତ୍ତି କରୁଥିଲେ– ସଦକଲ୍ଲାହୁ ୱାଦହୁ ଓନସରା ଅବଦହୁ ଓ ହଜମଲ୍ ଅହ୍‌ଯାବା ଓହ୍‌ଦହୁ ଅର୍ଥାତ୍ ଆମ୍ଭ ପ୍ରଭୁ ନିଜ ପ୍ରତିଶୃତି ପୂରଣ କରିଦେଲେ ଏବଂ ନିଜ ଭକ୍ତଙ୍କର ସାହାଯ୍ୟ କଲେ ତଥା ଶତ୍ରୁମାନଙ୍କୁ ନିଜ ଶୌର୍ଯ୍ୟ ବଳରେ ଧରାଶାୟୀ କରିଦେଲେ ।

ଏହି ଦୁଆ ଏକ ବିଶେଷ ଅବସ୍ଥାକୁ ବହନ କରୁଅଛି ଏବଂ ଏହି ଦୁଆ ମାଧ୍ୟମରେ ସେହି ଭାବନା ଅଧ୍ୟୟନ କରିବାର ଅବସର ମିଳୁଅଛି ଯାହାକି ସେହି ମହାବିପତ୍ତି ସମୟରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ହୃଦୟରେ ବିଦ୍ୟମାନ ରହିଥିଲା । ଯାହାକି ହୁଜୁର[ସ.ଅ] ନିଜ ସାହାବାମାନଙ୍କ ମଧ୍ୟରେ ସୃଷ୍ଟି କରିବା ପାଇଁ ଚାହୁଁଥିଲେ । ସେହି ଦୁଆରେ ଏହି ଉତ୍କଣ୍ଠିତ ଭାବ ମଧ୍ୟ ପ୍ରଚ୍ଛନ୍ନ ରହିଥିଲା ଯେ, ଯେଉଁ ବାଧକ ମୁସଲମାନମାନଙ୍କ ଉପାସନା ଓ ଇସଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ପ୍ରଚାର ପ୍ରସାର କରିବା ମାର୍ଗରେ ସୃଷ୍ଟି କରାଯାଉଥିଲା । ପରାକ୍ରମୀ ଅଲ୍ଲାଃତାଲା ତାହାକୁ

ଦୂର କରିଦିଅନ୍ତୁ । ଗୋଟିଏ ସରିୟ୍ୟା ଜୈଦ୍ ବିନ୍ ହାର୍ସା ଯାହାକି ୬ ହିଜ୍‌ରୀର ଜମାଦି ଉଲା ମାସରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସରିୟ୍ୟାରେ ହୁଜୁର[ସ.ଅ] ହଜରତ ଜୈଦ୍ ବିନ୍ ହାର୍ସା [ର.ଅ]ଙ୍କୁ ୧୫ଜଣ ମୁସଲମାନମାନଙ୍କ ସହିତ ବନୁ ସାଲ୍‌ବାଃ ବିନ୍ ସାଦ୍ ଅଭିମୁଖେ ପ୍ରେରଣ କରିଥିଲେ । କିନ୍ତୁ ସେଠାରେ ଉଭୟ ପକ୍ଷ ମଧ୍ୟରେ କୌଣସି ସଂଘର୍ଷ ହୋଇ ନଥିଲା ।

ତେବେ ଏହି ଘଟଣା ଚର୍ଚ୍ଚା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ସେଥିଅନ୍ତେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ବିଶ୍ୱର ଅବସ୍ଥା ତୀବ୍ର ବେଗରେ ବିଗିଡ଼ି ଚାଲିଥିବା ସଂକ୍ରାନ୍ତରେ କହିଲେ; ବିଶ୍ୱର ଉକ୍‌ଟ ପରିସ୍ଥିତି ପ୍ରସଙ୍ଗରେ ସମସ୍ତେ ଅବଗତ, ସିରିୟା ଦେଶରେ ଯେଉଁ ସଙ୍କଟାପର୍ଣ୍ଣ ପରିସ୍ଥିତି ମୁଣ୍ଡ ଟେକୁଛି ତାହା ଏବେ ସ୍ପଷ୍ଟ ନୁହେଁ । କହିବାକୁ ଗଲେ ତ ଏକ ଅନ୍ୟାୟୀ ଅତ୍ୟାଚରୀ ପ୍ରଶାସନର ଅବସାନ ଘଟିଲା । ଦୁଆ କରିବେ ପରବର୍ତ୍ତୀ ଶାସକମାନେ ନ୍ୟାୟ ଆଚରଣକାରୀ ସାବ୍ୟସ୍ତ ହୁଅନ୍ତୁ । ଅଲ୍ଲାଃତାଲା ସେହି ଅଞ୍ଚଳର ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ରଚନାକାରୀ ତ ଲେଖୁଛନ୍ତି ଯେ, ସେଠାରେ ଅନ୍ୟାୟର ଅନ୍ତ ହେବା ଯୋଗୁଁ ଜନସାଧାରଣ ପ୍ରସନ୍ନିତ କିନ୍ତୁ ଆସନ୍ତାରେ କ'ଣ ହେବ କିଛି ଜଣା ନାହିଁ । ଇସ୍ରାଇଲ୍ ମଧ୍ୟ ସେହି ଅଞ୍ଚଳରେ ଅଯଥାରେ ଆକ୍ରମଣ କରୁଅଛି । ପ୍ରକାଶ୍ୟରେ ତ ଇସଲାମୀୟ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ ତାହାର ଉଦ୍ଦେଶ୍ୟ ଅତି ଭୟଙ୍କର ପ୍ରତୀତ ହେଉଛି । ପାକିସ୍ତାନବାସୀଙ୍କ ନିମନ୍ତେ ମଧ୍ୟ ଏହି ଦୃଷ୍ଟିକୋଣରୁ ଦୁଆ କରିବେ, ଇରାନ ଓ ବାକି ଦେଶମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଅହେମଦିମାନେ ନା ତ ମୁସଲମାନମାନଙ୍କ ପକ୍ଷରୁ ସୁରକ୍ଷିତ ନା ସେହି ଅଣମୁସଲମାନମାନଙ୍କ ହସ୍ତରୁ, ଯେ ମୁସଲମାନମାନଙ୍କର ବିରୋଧୀ ଅଟନ୍ତି । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ସଂସାରକୁ ମହାପ୍ରଳୟକାରୀ ଝଡ଼ତୋଫାନ ମଧ୍ୟ ଘନଘନ ହୋଇ ମାଡ଼ି ଆସୁଅଛି । ଅଲ୍ଲାଃତାଲା ଜଗତକୁ ଆକାଶିୟ ବିପତ୍ତି ଓ ବିଭୀଷିକାରୁ ମଧ୍ୟ ସୁରକ୍ଷିତ ରଖନ୍ତୁ । ଆମିନ୍ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକ ଶ୍ରୀମାନ ଅମିର୍ ହୁସେନ୍ ମରାଣ୍ଡି ସାହେବ ପୁତ୍ର ଶ୍ରୀମାନ ଦର ମୁହମ୍ମଦ ସାହେବ ନୁସ୍‌ରତାବାଦ ମିରପୁର୍ ଖାସ୍ ନିବାସୀ, ଯାହାଙ୍କୁ ଚଳିତ ମାସ ୧୩ ତାରିଖ ଦିନ ଫାଇରିଙ୍ଗ କରି ଶହିଦ୍ କରିଦିଆଗଲା । ଦ୍ୱିତୀୟ ଶ୍ରୀମାନ ମୌଲାନା ଅବ୍‌ଦୁସ୍ ସତ୍‌ତାର ରଉଫ୍ ସାହେବ ମୁବଲିଗ୍ ସିଲସିଲା ମାଲେସିୟାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ହୁଜୁର ଅନଓ୍ୱର[ଅ.ବ] ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

20th December 2024

*Translated to Odia by :* Moulavi Anwar Ahmad Khan